କେରଳ ରାଜ୍ୟ

ବନାମ

ଜର୍ଜ ଜୋସେଫ୍

ଫେବୃଆରୀ 12,1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 4 (1) ଏବଂ 23 (IA)-- ମାର୍ଚ୍ଚ 27,1981 ତାରିଖର ଅଧିନିର୍ଣ୍ଣୟ-- ଏହି ସମୟ ପୂର୍ବରୁ ଧାରା 4 (1) ଅଧୀନରେ ଅଧିସୂଚନା -- ତେଣୁ, ଧାରା 23 (IA) ଅନୁଯାୟୀ ଅତିରିକ୍ତ ରାଶି ପ୍ରଦାନ କରିବାକୁ ପକ୍ଷ ହକଦାର ନୁହଁନ୍ତି ।*

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 3649-50/1996

21.7.94 ତାରିଖରେ କେରଳ ଉଚ୍ଚ ନ୍ୟାୟାଳୟଙ୍କ ଏଲ୍.ଏ.ଏ. ସଂଖ୍ୟା 112 ଏବଂ 119/1985 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଆସିଛି ।

ଏମ୍. ଟି. ଜର୍ଜ ଆବେଦନକାରୀ ପାଇଁ ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଯଦିଓ ଉତ୍ତରଦାତାଙ୍କୁ ନୋଟିସ୍ ଜାରି କରାଯାଇଥିଲା, ଏପର୍ଯ୍ୟନ୍ତ ଅଣସେବାଯୁକ୍ତ ନୋଟିସର କୌଣସି ସ୍ୱୀକୃତି ପ୍ରାପ୍ତ ହୋଇନାହିଁ । ତେଣୁ, ଉତ୍ତରଦାତାଙ୍କୁ ନୋଟିସ ଜାରି କରାଯାଇଛି ବୋଲି ବିବେଚନା କରାଯିବା ଉଚିତ ।

ଅନୁମତି ପ୍ରଦାନ କରାଗଲା ।

ମାମଲାର ପ୍ରସଙ୍ଗ *ଅନିର୍ଣ୍ଣିତ ବିଷୟ* ହୋଇ ନାହିଁ । ଜିଲ୍ଲାପାଳଙ୍କ ଅଧିନିର୍ଣ୍ଣୟ ମାର୍ଚ୍ଚ 27, 1981 ତାରିଖର ଏବଂ ଜମି ଅଧିଗ୍ରହଣ ଅଧିନିୟମର ଧାରା 4 (1) ଅନୁଯାୟୀ ଅଧିସୂଚନା ସେପ୍ଟେମ୍ବର 26, 1978 ମସିହାର ଅଟେ । ତେଣୁ, ଉତ୍ତରଦାତା ସେହି ଅଧିନିୟମର ଧାରା 23 (1A) ଅନୁଯାୟୀ ଅତିରିକ୍ତ ଅର୍ଥ ପଇଠ କରିବାର ଅଧିକାରୀ ନୁହନ୍ତି ।

ତଦନୁସାରେ ଆବେଦନଗୁଡିକୁ ଅନୁମତି ଦିଆଗଲା । ଉପରୋକ୍ତ ଅବଧି ପର୍ଯ୍ୟନ୍ତ ଅଧିନିର୍ଣ୍ଣୟକୁ ଅଗ୍ରାହ୍ୟ କରାଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଜିଏନ୍.

ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।